# NATIONAL NEWS BULLETIN (ODIA)

## 1 September - 2024

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ସୁପ୍ରିମ୍‌କୋର୍ଟର ନୂଆ ପତାକା ଓ ପ୍ରତୀକାତ୍ମକ ଚିହ୍ନକୁ ଆଜି ଉନ୍ମୋଚନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ସାମରିକ ବିଦ୍ୟାଳୟରେ ଝିଅଙ୍କ ନାମଲେଖା ନିଷ୍ପତ୍ତିକୁ ସ୍ୱାଗତ କଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।

- ଆନ୍ଧ୍ରପ୍ରଦେଶ ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ ।

- ଜାମ୍ମୁ-କାଶ୍ମୀରରେ ଆସନ୍ତା ବିଧାନସଭା ନିର୍ବାଚନର ପ୍ରସ୍ତୁତି ସମୀକ୍ଷା କଲେ ସେଠାକାର ମୁଖ୍ୟ ନିର୍ବାଚନ ଅଧିକାରୀ ।

ଏବଂ

- ଭାରତୀୟ ବାୟୁସେନାର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଭାବେ ଦାୟିତ୍ୱ ଗ୍ରହଣ କଲେ ଏୟାର ମାର୍ଶାଲ ତେଜିନ୍ଦର ସିଂହ ।

# ପ୍ରେଜ୍- ସୁପ୍ରିମକୋର୍ଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ସୁପ୍ରିମ୍‌କୋର୍ଟର ନୂଆ ପତାକା ଓ ପ୍ରତୀକାତ୍ମକ ଚିହ୍ନ ଉନ୍ମୋଚନ କରିବେ। ନୂଆଦିଲ୍ଲୀଠାରେ ଚାଲିଥିବା ଜାତୀୟ ଜିଲ୍ଲା ନ୍ୟାୟପାଳିକା ସମ୍ମିଳନୀରେ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି। ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଆୟୋଜିତ ଏହି ଦୁଇ ଦିନିଆ ସମ୍ମିଳନୀରେ ଭିତ୍ତିଭୂମି, ଅଦାଲତ ପରିଚାଳନା, ନ୍ୟାୟିକ ନିରାପତ୍ତା ଏବଂ ନ୍ୟାୟିକ ଅଧିକାରୀଙ୍କ ପ୍ରଶିକ୍ଷଣ ଆଦି ପାଞ୍ଚଟି ପ୍ରସଙ୍ଗରେ ଅଧିବେଶନ ଅନୁଷ୍ଠିତ ହେଉଛି।

ଗତକାଲି ଏହି ସମ୍ମିଳନୀକୁ ଉଦ୍ ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ମହିଳାଙ୍କ ଉପରେ ଅତ୍ୟାଚାର ଏବଂ ଶିଶୁଙ୍କ ସୁରକ୍ଷା ସମାଜ ପାଇଁ ଗଭୀର ଚିନ୍ତାର ବିଷୟ। ମହିଳାଙ୍କ ସୁରକ୍ଷା ପାଇଁ ଦେଶରେ ଅନେକ କଠୋର ଆଇନ ପ୍ରଣୟନ କରାଯାଇଛି, କିନ୍ତୁ ଏହାକୁ ଅଧିକ ସକ୍ରିୟ କରିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ଭିପି- ଡେହେରାଡୁନ୍ ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ସାମରିକ ବିଦ୍ୟାଳୟରେ ଝିଅମାନଙ୍କ ନାମ ଲେଖା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି, ଏହି ପଦକ୍ଷେପ ଲିଙ୍ଗଗତ ସମାନତା ଏବଂ ପୁରୁଷ ଓ ମହିଳା ଉଭୟଙ୍କ ପାଇଁ ନ୍ୟାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତିକୁ ପ୍ରତିଫଳିତ କରିବ। ଡେରାଡୁନର ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ କଲେଜ

(ଆରଆଇଏମସି)ରେ ଆଜି ଶିକ୍ଷାର୍ଥୀ କ୍ୟାଡେଟକୁ ସମ୍ବୋଧିତ କରି ଶ୍ରୀ ଧନଖଡ଼ କହିଛନ୍ତି, ଭବିଷ୍ୟତ ଆହ୍ୱାନର ମୁକାବିଲା କରିବା ଏବଂ ବିଶ୍ୱ କଲ୍ୟାଣରେ ଯୋଗଦାନ କରିବା ପାଇଁ ଏହି ପ୍ରଶିକ୍ଷାର୍ଥୀମାନେ ପ୍ରସ୍ତୁତ ଅଛନ୍ତି। ଏହା ପୂର୍ବରୁ ଉପରାଷ୍ଟ୍ରପତି କଲେଜ ପରିସରରେ ଚାରାରୋପଣ କରି ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ଧନଖଡ଼ ଆଜି ଋଷିକେଶ ଏମ୍ସ ପରିଦର୍ଶନ କରିବା ସହ ସେଠାରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ସହ ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି।

## ଆନ୍ଧ୍ରପ୍ରଦେଶ ସାମୁଦ୍ରିକ ଝଡ଼ - ବନ୍ୟା ସୂଚନା

ଆନ୍ଧ୍ରପ୍ରଦେଶର କଳିଙ୍ଗପଟ୍ଟନମ୍ ନିକଟରେ ଉପକୂଳକୁ ସ୍ପର୍ଶ କରିଥିବା ସାମୁଦ୍ରିକ ଝଡ଼ 'ଅସ୍‌ନା'ର ପ୍ରଭାବରେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ଆନ୍ଧ୍ର ପ୍ରଦେଶ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତି ସାଢ଼େ ୧୨ଟାରୁ ୨ଟା ୩୦ ମଧ୍ୟରେ ଏହି ସାମୁଦ୍ରିକ ଝଡ଼ ଉପକୂଳ ସ୍ପର୍ଶ କରିଥିଲା। ଏହାର ପ୍ରଭାବରେ ଆଜି ମଧ୍ୟ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ଶ୍ରୀକାକୁଲମ, ବିଜୟନଗରମ୍, ମାନ୍ୟମ୍, ଆଲୁରି, କାକିନାଡା ଏବଂ ନନ୍ଦିଆଲ ଆଦି ଅଞ୍ଚଳରେ ବର୍ଷା ହେବ। ତେବେ ଏଲୁରୁ, କ୍ରିଷ୍ଣା,

ଏନଟିଆର, ଗୁଣ୍ଟୁର, ବାପ୍‌ଟଲା, ପାଲନାଡୁ, କର୍ଣ୍ଣୁଲ ଏବଂ ନନ୍ଦିଆଲ ଜିଲ୍ଲାର କେତେକ ଅଞ୍ଚଳରେ ଅତିପ୍ରବଳ ବର୍ଷାର ସମ୍ଭାବନା ରହିଛି ।

ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଖାଲୁଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି ।

ତେଲେଙ୍ଗାନାର ବିଭିନ୍ନ ଅଞ୍ଚଳରେ ଗତକାଲି ପ୍ରବଳ ବର୍ଷା ହୋଇଛି । ତଳିଆ ଅଂଚଳ ଜଳମଗ୍ନ ହେବା ସହ ଅନେକ ସ୍ଥାନରେ ସଡ଼କ ଯୋଗାଯୋଗ ବ୍ୟାହତ ହୋଇଛି । ସୂର୍ଯ୍ୟପେଟ, ମୁଲୁଗୁ, ୱାରାଙ୍ଗଲ, ମେହବୁବାବାଦ ଏବଂ ଖମ୍ମାମ ଜିଲ୍ଲାର ଅନେକ ସ୍ଥାନରେ ଅତିପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି । ବନ୍ୟା ପରିସ୍ଥିତି ନେଇ ତଥ୍ୟ ପ୍ରଦାନ କରିବା ଲକ୍ଷ୍ୟରେ ହାଇଦ୍ରାବାଦସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ରାଜ୍ୟ ସଚିବାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ଅନ୍ୟପକ୍ଷରେ ସମଗ୍ର ରାଜ୍ୟରେ ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି । ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଜୀବନ ଯାପନ ବ୍ୟାହତ ହୋଇଥିବା ଜଣାପଡ଼ିଛି । ପ୍ରଭାବିତ ଜିଲ୍ଲାଗୁଡ଼ିକର ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ଦୁଇଦିନର ଛୁଟି ଘୋଷଣା କରାଯାଇଛି ।

ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି ।

# ଏପି-ସିଏମ୍

ଆନ୍ଧ୍ରପ୍ରଦେଶରେ ବନ୍ୟା ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ସମୀକ୍ଷା କରିଛନ୍ତି । ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ, ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭାଗୀ ଅଧିକାରୀଙ୍କ ସହ ଟେଲିକନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି । ବର୍ଷାଜନିତ ବନ୍ୟା ପରବର୍ତ୍ତୀ ସ୍ଥିତିକୁ ମୁକାବିଲା କରିବା ଲାଗି ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳ ଏବଂ ବିଭିନ୍ନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବନ୍ୟା ଜଳ କମିବା ମାତ୍ରେ ଫସଲ କ୍ଷୟକ୍ଷତି ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବାକୁ ମୁଖ୍ୟମନ୍ତ୍ରୀ  ଶ୍ରୀ ନାଇଡୁ ରାଜ୍ୟ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

# ପାଣିପାଗ ବିଭାଗ ସତର୍କ ସୂଚନା

ଦେଶର ପଶ୍ଚିମ, କେନ୍ଦ୍ରୀୟ ଓ ଦକ୍ଷିଣ ଭାଗରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଆସାମ,  ପୂର୍ବ ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ମେଘାଳୟ, ହିମାଚଳ ପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, କରାଇକାଲ ଏବଂ ରାୟଲସୀମାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

## ଜେକେ-ସିଇଓ

ଜମ୍ମୁ-କଶ୍ମୀରରେ ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତିର ସମୀକ୍ଷା କରିବା ଲକ୍ଷ୍ୟରେ  ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ପି.କେ ପୋଲେ ଗତକାଲି ଅନନ୍ତନାଗ ଗସ୍ତ କରିଥିଲେ।  ସେଠାରେ ନିର୍ବାଚନ ପ୍ରସ୍ତୁତି ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ, ନୋଡାଲ ଅଧିକାରୀ ଓ ରିଟର୍ଣ୍ଣିଂ ଅଧିକାରୀଙ୍କ ସହ ନିର୍ବାଚନ ଦାୟିତ୍ୱରେ ଥିବା ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅବାଧ, ନିରପେକ୍ଷ ତଥା ସ୍ୱଚ୍ଛ ନିର୍ବାଚନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ଭେରିନାଗ ଗସ୍ତ କରି ନିର୍ବାଚନରେ ଅଧିକରୁ ଅଧିକ ମତଦାତାଙ୍କ ସାମିଲ ହେବା ନେଇ ଜନସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବୁଥ୍‌ୱାରୀ ଗୋଷ୍ଠୀ ସଚେତନତା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ପୋଲେ ଜନସାଧାରଣଙ୍କୁ ବିନା ଭୟରେ ତଥା ପ୍ରଲୋଭନର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଭାବରେ ମତଦାନ କରିବାକୁ ଆହ୍ୱାନ ଦେଇଥିଲେ।  ସେଠାରେ ଆୟୋଜିତ ଏକ ବାଇକ୍ ଶୋଭାଯାତ୍ରାକୁ ଶ୍ରୀ ପୋଲେ ଉଦ୍‌ଘାଟନ କରିଥିଲେ।

## ଏୟାର ମାର୍ଶାଲ-ଡେପୁଟି ଚିଫ୍

ଭାରତୀୟ ବାୟୁସେନାର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଭାବେ ଏୟାର ମାର୍ଶାଲ ତେଜିନ୍ଦର ସିଂହ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ନୂଆଦିଲ୍ଲୀଠାରେ ସେ ଜାତୀୟ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରି ସର୍ବୋଚ୍ଚ ବଳିଦାନ ଦେଇଥିବା ବୀରଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜାତୀୟ ପ୍ରତିରକ୍ଷା ପ୍ରତିଷ୍ଠାନର ପୂର୍ବତନ ଛାତ୍ର ଏୟାର ମାର୍ଶାଲ ତେଜିନ୍ଦର ସିଂ ୧୯୮୭ ମସିହା ଜୁନ୍ ୧୩ ତାରିଖରେ ଭାରତୀୟ ବାୟୁସେନାର ଯୋଗ ଦେଇଥିଲେ । ସେ ୨୦୦୭ରେ ବାୟୁ ସେନା ପଦକ ଏବଂ ୨୦୨୨ରେ ଅତି ବିଶିଷ୍ଟ ସେବା ପଦକ ପାଇଥିଲେ।

## ଋଷିଆ– ୟୁକ୍ରେନ ଡ୍ରୋନ୍ସ

ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣକୁ ଋଷିଆ ପ୍ରତିହତ କରିଛି। ଋଷିଆର ମସ୍କୋ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବେଶ କରିଥିବା ୟୁକ୍ରେନ୍‌ର ୧୫୮ଟି ଡ୍ରୋନ୍‌କୁ ଗତ ରାତିରେ ନଷ୍ଟ କରି ଦିଆଯାଇଛି। ସେଥିମଧ୍ୟରୁ ମସ୍କୋର ସହର ଉପରେ ଉଡୁଥିବା ଦୁଇଟି ଡ୍ରୋନ୍ ଅନ୍ତର୍ଭୁକ୍ତ। ଋଷ୍ ବିରୋଧରେ ୟୁକ୍ରେନର ଏହା ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ ବୋଲି କୁହାଯାଇଛି। ଋଷ୍‌ର ରିଫାଇନାରୀ ଏବଂ ତୈଳ ଟର୍ମିନାଲକୁ ଲକ୍ଷ୍ୟ କରି ୟୁକ୍ରେନ ଆକାଶମାର୍ଗରୁ ଆକ୍ରମଣକୁ ଜୋରଦାର କରିଥିବା ଜଣାପଡ଼ିଛି।

## ୟୁଏଇ– କ୍ଷମା ଯୋଜନା

ଭିସା ସମୟ ସୀମା ଅତିକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ଏକ କ୍ଷମା ଯୋଜନା ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମର

ସମୟସୀମା ଦୁଇ ମାସ ରଖାଯାଇଛି। ଏହାଦ୍ୱାରା ସେଠାରେ ବେଆଇନ ଭାବେ ରହୁଥିବା ବ୍ୟକ୍ତିଙ୍କୁ ସ୍ଥିତି ନିୟମିତ କରିବା ଏବଂ ବିନା ଜୋରିମାନାରେ ନିଜ ଦେଶକୁ ଫେରିଯିବାକୁ ସୁଯୋଗ ପ୍ରଦାନ କରିବ। ଆଜିଠାରୁ ଆରମ୍ଭ ହୋଇଥିବା ଏହି କ୍ଷମା ଯୋଜନା ଆସନ୍ତା ଅକ୍ଟୋବାର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସେଠାକାର ସରକାରୀ ସୂତ୍ରରୁ ଜଣାପଡ଼ିଛି। ତେବେ ସେଠାରେ ବେଆଇନ ଭାବେ ପ୍ରବେଶ କରିଥିବା ଲୋକଙ୍କ କ୍ଷେତ୍ରରେ ଏହି କ୍ଷମା ଯୋଜନା ଲାଗୁ ହେବ ନାହିଁ ବୋଲି ୟୁଏଇ ସରକାର ସ୍ୱଷ୍ଟ କରିଛନ୍ତି।

## କର୍ଣ୍ଣାଟକ- ବନ୍ଦେ ଭାରତ

ରେଳ, ସୂଚନା ଓ ପ୍ରସାରଣ, ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁସ୍ଥିତ ବି.ଇ.ଏମ.ଏଲ.ରେ ନବନିର୍ମିତ ବନ୍ଦେ ଭାରତ ସ୍ଲିପର କୋଚ୍‌ର ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ନୂତନ ଡିଜାଇନ୍ ସହ ନିର୍ମିତ ଏହି ବନ୍ଦେ ଭାରତ ସ୍ଲିପର କୋଚ୍‌ର ଖୁବ୍‌ଶୀଘ୍ର ପରୀକ୍ଷଣ କରାଯିବ। ଆଗାମୀ ୩ ମାସ ମଧ୍ୟରେ ଏହି କୋଚ୍‌ଗୁଡ଼ିକ ବ୍ୟବହାର କରାଯିବା ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ବନ୍ଦେ ଭାରତ ମେଟ୍ରୋର ମଧ୍ୟ ପରୀକ୍ଷଣ ଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।  ବି.ଇ.ଏମ୍.ଏଲ୍ ଗସ୍ତ ପରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଆଜି ସନ୍ଧ୍ୟାରେ ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରର ଭିଆଇପି ଟର୍ମିନାଲ ଏବଂ ପିଲିଭିତ୍‌ରୁ ମୈଲାନି ଟ୍ରେନ୍ ସେବାକୁ ଭର୍ଚୁଆଲ୍ ମାଧ୍ୟମରେ ପତାକା ଦେଖାଇ ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି।

# ସିସିପିଏ- ଶଙ୍କର ଆଇଏଏସ୍

କେନ୍ଦ୍ରୀୟ ଖାଉଟି ସୁରକ୍ଷା ପ୍ରାଧିକରଣ ଶଙ୍କର ଆଇ.ଏ.ଏସ ଏକାଡେମୀଠାରୁ ୫ ଲକ୍ଷ ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛି। କେନ୍ଦ୍ରୀୟ ଲୋକସେବା ଆୟୋଗ ପକ୍ଷରୁ ଅନୁଷ୍ଠିତ ପ୍ରଶାସନିକ ସେବା-୨୦୨୨ ପରୀକ୍ଷାର ଫଳାଫଳକୁ ନେଇ ମିଥ୍ୟା ଓ ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶ କରିଥିବାରୁ ଏକାଡେମୀ ବିରୁଦ୍ଧରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ କହିଛି, ଉପଭୋକ୍ତାଙ୍କ ଅଧିକାରର ସୁରକ୍ଷା ଓ ପ୍ରୋତ୍ସାହନ ଏବଂ ଦ୍ରବ୍ୟ କିମ୍ବା ସେବା ସମ୍ବନ୍ଧରେ ମିଥ୍ୟା ତଥା ବିଭ୍ରାନ୍ତିକର ବିଜ୍ଞାପନ ପ୍ରକାଶକୁ ରୋକିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

ଖାଉଟି ସୁରକ୍ଷା ଆଇନ, ୨୦୧୯ର ଉଲ୍ଲଂଘନକୁ ଦୃଷ୍ଟିରେ ରଖି ମୁଖ୍ୟ କମିଶନର ନିଧି ଖରେ ଓ କମିଶନର ଅନୁପମ ମିଶ୍ରଙ୍କ ଖଣ୍ଡପୀଠ ବିଭ୍ରାନ୍ତିକର ବିଜ୍ଞାପନ ତୁରନ୍ତ ବନ୍ଦ କରିବାକୁ ଶଙ୍କର ଆଇଏଏସ ଏକାଡେମୀକୁ ନିର୍ଦ୍ଦେଶ ଦେଇଛି।